# ୮୪ରେ ହେଲାତ ହେଲା

୧୯୮୪ ଶିଖ ବିରୋଧି ଦଙ୍ଗାକୁ ନେଇ କଂଗ୍ରେସର ଜଣେ ପୁରୁଖା ନେତା ପରାମର୍ଶଦାତା, ଗାନ୍ଧୀ ପରିବାରର ଘନିଷ୍ଠ ଭାବେ ପରିଚିତ ଶ୍ୟାମ ପିତ୍ରୋଡା ଏକ ବିବାଦୀୟ ମନ୍ତବ୍ୟ ଦେଇ କହିଛନ୍ତି ଯେ, ୮୪ ଦଙ୍ଗା ହେଲାତ ହେଲା କଣ ହେଲା? ଏଭଳି ମନ୍ତବ୍ୟ ଦେଶର ଏକତା ସଂହତି ତଥା ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଏକ କୁଠାରଘାତ। ୧୯୮୪ରେ ସ୍ୱର୍ଗତ ଇନ୍ଦିରାଗାନ୍ଧୀଙ୍କ ଦେହାନ୍ତ ପରେ ଦିଲ୍ଲୀରେ ଯେଉଁ ଶିଖ୍ ବିରୋଧି ଦଙ୍ଗା ହୋଇଥିଲା ସେଥିରେ ଶହ ଶହ ନୀରିହ ଶିଖ୍ ସରକାରୀ ହିଂସାର ଶିକାର ହୋଇଥିଲେ। କଂଗ୍ରେସର ନେତାମାନଙ୍କ ନିର୍ଦ୍ଦେଶକ୍ରମେ ଏହି ନରସଂହାର ସଂଘଟିତ ହୋଇଥିଲା। ଏଥିରେଶିଖ୍ ମାନଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଘଟଣାର ତଦନ୍ତ ପାଇଁ ଜଷ୍ଟିସ୍ ନାନାବତୀ କମିଶନ ଗଠନ କରାଯାଇଥିଲା। ୧୯୮୪ ପରେ ୩୫ ବର୍ଷ ବିତିଗଲାଣି। ଏହି ମାମଲା ଏପର୍ଯ୍ୟନ୍ତ କୋର୍ଟରେ ବିଚାରାଧିନ ରହିଛି। କିଛି ଅଭିଯୁକ୍ତ ପ୍ରମାଣ ଓ ସାକ୍ଷ୍ୟ ଅଭାବରୁ ନିର୍ଦ୍ଦୋଷରେ ମୁକ୍ତ ହୋଇ ସାରିଛନ୍ତି। କଂଗ୍ରେସର କିଛି ବରିଷ୍ଠ ନେତା ଏହି ମାମଲାରେ ଫଶିଛନ୍ତି। ଇନ୍ଦିରାଙ୍କ ଅକାଳ ମୃତ୍ୟୁପରେ ପ୍ରତିଶୋଧ ପାଇଁ କଂଗ୍ରେସ ଶିଖ ମାନଙ୍କୁ ଯେଭଳି ଟାର୍ଗେଟ କରିଥିଲା ଏବଂ ପାରାମିଲିଟାରୀ ଫୋର୍ସ ତଥା ପୋଲିସକୁ ଲଗାଇ ଶିଖ୍‌ମାନଙ୍କୁ ହତ୍ୟା କରିଥିଲା ତାହା ଆଜି ପର୍ଯ୍ୟନ୍ତ ସବୁ ଶିଖ୍‌ମାନଙ୍କ ମଧ୍ୟରେ ଏକ ପୀଡା ସଦୃଶ ରହିଛି। ଇନ୍ଦିରାଙ୍କ ପରେ ବଂଶବାଦ ରାଜନୀତି ଅନ୍ତର୍ଗତ କଂଗ୍ରେସ ସ୍ୱର୍ଗତ ରାଜୀବ ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସାଇ ଦେଇଥିଲା। ଶିଖ ଦଙ୍ଗା ପରେ ରାଜୀବ ଗାନ୍ଧି କହିଥିଲେ ଯେ, ଏକ ବଡ଼ ବୃକ୍ଷର ପତନ ଘଟିଲେ ଭୂମି କମ୍ପି ଉଠେ ଏହା ସ୍ୱାଭାବିକ। ଏବେ ଶ୍ୟାମ ପିତ୍ରୋଡା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ମଧ୍ୟ ସେହି ମନ୍ତବ୍ୟର ଆଉ ଏକ ନକଲ। ଅର୍ଥାତ୍ ବିନା କାରଣରେ ସରକାରୀ ହିଂସାର ଶିକାର ହୋଇ ପ୍ରାଣ ହରାଇଥିବା ଲୋକମାନଙ୍କ ଜୀବନର କୌଣସି ମୂଲ୍ୟ ନାହିଁ। ଏହି ଘଟଣାରେ ଜଷ୍ଟିସ ନାନାବତୀ

**କଂଗ୍ରେସ ଶିଖ ମାନଙ୍କୁ ଯେଭଳି ଟାର୍ଗେଟ କରିଥିଲା ଏବଂ ପାରାମିଲିଟାରୀ ଫୋର୍ସ ତଥା ପୋଲିସକୁ ଲଗାଇ ଶିଖ୍‌ମାନଙ୍କୁ ହତ୍ୟା କରିଥିଲା ତାହା ଆଜି ପର୍ଯ୍ୟନ୍ତ ସବୁ ଶିଖ୍‌ମାନଙ୍କ ମଧ୍ୟରେ ଏକ ପୀଡା ସଦୃଶ ରହିଛି। ଜଷ୍ଟିସ ନାନାବତୀ କମିଶନ ତାଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ ଯେ, ୧୯୮୪ ଶିଖ ବିରୋଧି ଦଙ୍ଗା ଭାରତର ସବୁଠାରୁ ବଡ଼ ସରକାରୀ ଜେନୋସାଇଡ ବା ନରସଂହାର।**

କମିଶନ ତାଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ ଯେ, ୧୯୮୪ ଶିଖ ବିରୋଧି ଦଙ୍ଗା ଭାରତର ସବୁଠାରୁ ବଡ଼ ସରକାରୀ ଜେନୋସାଇଡ ବା ନରସଂହାର। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାର କିଭଳି ପ୍ରତିଶୋଧ ପରାୟଣ ହୋଇ ଲୋକଙ୍କ ଜୀବନ ନେବାକୁ ପଛାଏ ନାହିଁ ଏହା ତାହାର ନଗ୍ନ ଉଦାହରଣ। ଜଣେ ଲୋକ ନିଜର କୌଣସି ବିଭ୍ରାନ୍ତୀକର ଧାରଣା ବା ଭୁଲ ସୂଚନା ଯୋଗୁଁ ଯଦି ଆତତାୟୀ ପାଲଟିଯାଏ ଏବଂ କାହାକୁ ହତ୍ୟାକରେ ତେବେ ସେହି ଲୋକର ଧର୍ମ ଆଧାରରେ ବା ସମ୍ପ୍ରଦାୟକୁ ବିଚାରକୁ ନେଇ ପୂରା ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଦୋଷୀ ଦର୍ଶାଇ ଯଦି ଦଙ୍ଗାରେ ହତ୍ୟା କରାଯାଏ ତା ହେଲେ କାହାକୁ ଦୋଷ ଦେବା। କ୍ଷମତାରେ ଥିବା ସରକାରଙ୍କ ନିର୍ଦ୍ଦେଶରେ ଶିଖ୍ ବିରୋଧି ଦଙ୍ଗାର ସୂତ୍ରପାତ ହୋଇଥିଲା। ୧୯୮୪ ଅକ୍ଟୋବର ୩୧ ତାରିଖର ୪ ଦିନ ପରେ ଅର୍ଥାତ୍ ନଭେମ୍ବର ପ୍ରଥମ ସପ୍ତାହରେ ଦିଲ୍ଲୀର ଶିଖ୍ ବହୁଳ ଅଞ୍ଚଳରେ କଂଗ୍ରେସ ନେତାମାନେ ଶିଖ୍‌ମାନଙ୍କୁ ନିପାତ କରିବା ପାଇଁ ଯେଭଳି ନିର୍ଦ୍ଦେଶ ଦେଇଥିଲେ ତାହା ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରୁ ଜଣାପଡେ। କଂଗ୍ରେସ ନେତାମାନେ ମାନବିକତା ଶୂନ୍ୟ ହୋଇ କିଭଳି ସାମ୍ପ୍ରଦାୟିକ ଦଙ୍ଗା କରିପାରନ୍ତି ଏବଂ କେତେ ନିର୍ଦ୍ଦୟ ଭବେ ଶହ ଶହ ଲୋକଙ୍କ ଜୀବନ ନେଇପାରନ୍ତି ତାହାର ଏହା ଥିଲା ଏକ ବଳିଷ୍ଠ ଉଦାହରଣ। କଂଗ୍ରେସ ସବୁବେଳେ ନିଜକୁ ଧର୍ମ ନିରପେକ୍ଷ ଦଳଭାବେ ପରିଚିତ କରାଇଥାଏ। ଏପରିକି ବିଜେପିକୁ ସାମ୍ପ୍ରଦାୟିକ ଦଳ ବୋଲି ଦର୍ଶାଇ ଦେଶରେ ଯେ କୌଣସି ସ୍ଥାନରେ ସାମ୍ପ୍ରଦାୟିକ ହିଂସାହେଲେ ବିଜେପିକୁ ଦାୟୀ କରିଥାଏ। କିନ୍ତୁ କଂଗ୍ରେସ କେବେହେଲେ ନିଜର ଆତ୍ମ ସମୀକ୍ଷା କରିନଥାଏ। ୧୯୮୪ର ଆଇନା ଯଦି କଂଗ୍ରେସ ଦେଖେ ତେବେ ଏହାର ଅନେକ ତୁଙ୍ଗ ନେତା ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ଖୋଦ୍ ରାଜୀବ ଗାନ୍ଧିଙ୍କ ହାତ କେତେ ରକ୍ତ ରଞ୍ଜିତ ତାହା ଜାଣିପାରିବ। ନୀରିହ ଲୋକଙ୍କ ରକ୍ତରେ ହୋରି ଖେଳିଥିବା କଂଗ୍ରେସ ଏହି ଘଟଣା ପାଇଁ କେବେହେଲେ ଆଜି ପର୍ଯ୍ୟନ୍ତ କ୍ଷମା ମାଗିନାହିଁ। ଅଥଚ ଏହାର ନେତାମାନେ ଅନୁଶୋଚନା କରିବା ପରିବର୍ତ୍ତେ ଯେଭଳି ଅଂହକାର ପୂର୍ଣ୍ଣ ମନ୍ତବ୍ୟ ଦେଇ ଆସିଛନ୍ତି ସେଥିରୁ ଏହି ଘଟଣା ପାଇଁ କଂଗ୍ରେସ କେବେହେଲେ ପଶ୍ଚାତ୍ତାପ୍ କରିନାହିଁ ତାହା ପ୍ରମାଣିତ ହୁଏ। ଶ୍ୟାମ ପିତ୍ରୋଡା ଗାନ୍ଧି ପରିବାର ସହ ୧୯୮୦ ଦଶକରୁ ଜଡ଼ିତ। ଗାନ୍ଧି ନେହରୁ ପରିବାର ସହ ତାଙ୍କର ଘନିଷ୍ଠତା ସମସ୍ତଙ୍କୁ ଜଣା। କୌଣସି ମନ୍ତ୍ରୀ ନଥାଇ ତାଙ୍କୁ ଯେଭଳି ଖାତିର ମିଳେ ତାହା କେବଳ କଂଗ୍ରେସ ଶାସନରେ ସମ୍ଭବ। ଶ୍ୟାମ ପିତ୍ରୋଡା ନିଜର ଆନୁଗତ୍ୟ ପ୍ରଦର୍ଶନ କରିବାରେ କେବେହେଲେ କାର୍ପଣ୍ୟ ଦେଖାନ୍ତି ନାହିଁ। ଏଥିପୂର୍ବରୁ ସେ ଅନେକ ପରିପ୍ରେକ୍ଷୀରେ କଂଗ୍ରେସକୁ ସୁହାଇଲା ଭଳି ତଥା ଦେଶବିରୋଧି ମନ୍ତବ୍ୟ ଦେଇ ଆସିଛନ୍ତି। ବାଲାକୋଟ ଆକ୍ରମଣ ପରେ ମଧ୍ୟ ପିତ୍ରୋଡା ସରକାରଙ୍କ ଠାରୁ ପ୍ରମାଣ ମାଗିଥିଲେ। ଜଣେ ଅଣରାଜନୈତିକ ବ୍ୟକ୍ତି ହୋଇମଧ୍ୟ ପିତ୍ରୋଡା ରାଜନୀତିକୁ ଧସେଇ ପଶନ୍ତି ଏବଂ ଅନାବଶ୍ୟକ ମନ୍ତବ୍ୟ ଦେଇ ଗାନ୍ଧି ପରିବାର ପ୍ରତି ତାଙ୍କର ଆନୁଗତ୍ୟ ଜାହିର କରନ୍ତି। କେବଳ ପିତ୍ରୋଡା ନୁହଁନ୍ତି ମଣିଶଙ୍କର ଆୟାର, ଦିଗ୍‌ବିଜୟ ସିଂହ, ଶୀଲା ଦିକ୍ଷିତ୍, ଶଶି ଥରୁର୍, ନବଜୋତ ସିଂହ ସିଦ୍ଧୁ, କମଳନାଥ ଏଭଳି ଅନେକ ନେତା ଅଛନ୍ତି ଯେଉଁମାନେ ଭଲ ଭାବେ ଜାଣିଛନ୍ତି ଯେ, ସେମାନଙ୍କ ରାଜନୈତିକ ପ୍ରଭୁ ହେଉଛନ୍ତି ଗାନ୍ଧି ପରିବାର। ଗାନ୍ଧି ପରିବାର ନିଜର ଅନୁଗତ ମାନଙ୍କୁ ଭଲଭାବେ ପୁରସ୍କୃତ କରିଥାଏ। ଆନୁଗତ୍ୟ ଯୋଗୁଁ ହିଁ ଜ୍ଞାନୀ ଜୈଲ ସିଂହଙ୍କୁ ଦେଶର ରାଷ୍ଟ୍ରପତି କରି ଦିଆଯାଇଥିଲା। ଗାନ୍ଧି ପରିବାର ପାଇଁ ଆନୁଗତ୍ୟ ଏବଂ ବିଶ୍ୱସନୀୟତା ସବୁଠାରୁ ବଡ଼ ଯୋଗ୍ୟତା। ଅହମ୍ମଦ ପଟେଲଓ ପିତ୍ରୋଡାଙ୍କ ଭଳି ସୁବିଧାବାଦୀ ଲୋକମାନେ ଗାନ୍ଧି ପରିବାରର ଏହି ଫର୍ମୁଲାକୁ ବେଶ ଭଲଭାବେ ବୁଝିସାରିଛନ୍ତି। ସେମାନଙ୍କ ପାଇଁ ଗାନ୍ଧି ନେହରୁ ପରିବାର କ୍ଷମତା, ଅର୍ଥ ଏବଂ ପ୍ରତିପତ୍ତି ହାସଲ କରିବାର ଏକ ମାଧ୍ୟମ। ସେମାନେ ଏହା ମଧ୍ୟ ଭଲଭାବେ ଜାଣିଛନ୍ତି ଯେ, ଯଦି ସାମାନ୍ୟତମ ସୁଯୋଗ ମିଳେ ଏବଂ କଂଗ୍ରେସ କ୍ଷମତାସୀନ ହୁଏ ତେବେ ଗାନ୍ଧି ନେହରୁ ପରିବାରରୁ ପ୍ରଧାନମନ୍ତ୍ରୀ ହେବା ସୁନିଶ୍ଚିତ। ତା ଛଡା କଂଗ୍ରେସର ଲିଗାସୀ ଯୋଗୁଁ ଯେଉଁ ରାଜନୈତିକ ଫାଇଦା ମିଳିବ ତାହା ଗାନ୍ଧି ପରିବାରର ଅନୁଗ୍ରହ ବିନା ସମ୍ଭବ ନୁହେଁ। ଏହି କାରଣରୁ ଏହି ନେତାମାନେ ଗାନ୍ଧି ନେହରୁ ପରିବାରର ପ୍ରଶଂସା କରିବା ଅନାବଶ୍ୟକ ମନ୍ତବ୍ୟ ଦେଇ ସେମାନଙ୍କୁ କୃତ୍ୟକୃତ୍ୟ କରିବା ଏବଂ ଦରକାର ପଡିଲେ ଶୁଳୀକୁ ବେକ ଦେଖାଇ ଗାନ୍ଧି ନେହରୁ ପରିବାରର ହିତ ପାାଇଁ ଭଲେଇ ହେବାର ନାଟକ କରିବାର ସେମାନେ କୌଣସି ସୁଯୋଗ ହାତଛଡା କରନ୍ତି ନାହିଁ। ତେଣୁ ଭୁଲ ହୋଇଥିଲେ ମଧ୍ୟ ଗାନ୍ଧି ନେହରୁ ପରିବାର ଯାହା ଚାହେଁ ସେମାନେ ସେହି ଅନୁକୂଳ ମନ୍ତବ୍ୟ ଦିଅନ୍ତି। କାଉର ରଂଗ ଧଳା କହିଲେ ମଧ୍ୟ ସେମାନେ ହଁ ଭରନ୍ତି। ସେମାନଙ୍କ ଏଭଳି ସୁବିଧାବାଦୀ ମାନସିକତା ଅତ୍ୟନ୍ତ ତୁଚ୍ଛ ମଣିଷର ପରିଚୟ ଦିଏ। କ୍ଷମତାର ଲୋଭ ସେମାନଙ୍କୁ ଏଭଳି କାର୍ଯ୍ୟ କରାଇଥାଏ। ଶ୍ୟାମ ପିତ୍ରୋଡା ଏଭଳି ବର୍ଗର ଜଣେ ସୁବିଧାବାଦୀ ବ୍ୟକ୍ତିତ୍ୱ ଯେ କି ନିଜକୁ ଜଣେ ଅଣରାଜନୈତିକ ବୁଦ୍ଧିଜୀବୀ ଭାବେ ପରିଚୟ ଦିଅନ୍ତି। କିନ୍ତୁ ଅପରପକ୍ଷରେ ନିଜ ରାଜନୈତିକ ମୁନୀବଙ୍କ ଅନାବଶ୍ୟକ ପ୍ରଶଂସା କରି ତାଙ୍କ ପ୍ରତି ନିଜର ଆନୁଗତ୍ୟ ପ୍ରଦର୍ଶନ କରନ୍ତି। ଅନୁଗ୍ରହ ପ୍ରାପ୍ତି ଦ୍ୱାରା ବ୍ୟକ୍ତିଗତ ଲାଭ ପାଇଁ ସେମାନଙ୍କ ଏଭଳି ପଶ୍ଚାତଧାବନ ସେମାନଙ୍କୁ ଗୋଟିଏ ଗୋଟିଏ ଅମେରୁଦଣ୍ଡୀ ପ୍ରାଣୀର ପରିଚୟ ଦେଇଥାଏ। ଶ୍ୟାମ ପିତ୍ରୋଡା ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରରେ ଶିଖ୍ ଗୁରୁଙ୍କ ଆଶୀର୍ବାଦ ଭିକ୍ଷା ପରେ ଶିଖ୍ ବିରୋଧି ଦଙ୍ଗାକୁ ନେଇ ଯେଭଳି ଅମାନବୀୟ, ଅପରିଣାମଦର୍ଶୀ ମନ୍ତବ୍ୟ ଦେଇଛନ୍ତି ତାହା ଦେଶର ସାମ୍ପ୍ରଦାୟିକ ସଦ୍‌ଭାବକୁ ନଷ୍ଟ କରିବାକୁ ଯଥେଷ୍ଟ। ଏହି ମନ୍ତବ୍ୟ ପାଇଁ କଂଗ୍ରେସ କ୍ଷମା ମାଗିବା ଉଚିତ୍। ଅନ୍ୟଥା ଏଭଳି ମନ୍ତବ୍ୟକୁ କଂଗ୍ରେସ ଚିରାଚରିତ ଭାବେ ବ୍ୟକ୍ତିଗତ ମନ୍ତବ୍ୟ ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇପାରିବ ନାହିଁ। କାରଣ ଏବେ ନିର୍ବାଚନ ସମୟ। ଆହୁରୀ ଦୁଇଟି ପର୍ଯ୍ୟାୟ ନିର୍ବାଚନ ବାକି ଅଛି। ଏହି ୨ଟି ପର୍ଯ୍ୟାୟ ମତଦାନରେ ଦିଲ୍ଲୀ ଓ ପଞ୍ଜାବ ମଧ୍ୟ ସାମିଲ ଅଛନ୍ତି। ତେଣୁ କଂଗ୍ରେସ ଯଦି ଶ୍ୟାମ ପିତ୍ରୋଡାଙ୍କ ମନ୍ତବ୍ୟ ପାଇଁ କେବଳ କ୍ଷୋଭବ୍ୟକ୍ତ କଲେ ଚଳିବ ନାହିଁ। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ମର୍ମାହତ କରିଥିବାରୁ ଏଥିପାଇଁ କଂଗ୍ରେସ ଔପଚାରିକ ଭାବେ ନିଃସର୍ତ୍ତ କ୍ଷମା ପ୍ରାଥନା କରିବା ଦରକାର। ଶାମ ପିତ୍ରୋଡା କୌଣସି ଛୋଟ ପିଲା ନୁହଁନ୍ତି। ସେ ଗାନ୍ଧୀ ପରିବାର ଜଣେ ପରାମର୍ଶଦାତାଭାବେ ବେଶ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସିଛନ୍ତି।

# ପ୍ରକୃତି ପାଇଁ ଆଇନର ଶାସନ ଓ ନ୍ୟାୟିକ ପ୍ରକ୍ରିୟା

**ବିଭୁ ପ୍ରସାଦ ତ୍ରିପାଠୀ**

ସାମୁଦ୍ରିକ ଝଡ ଫଣୀ ଗ୍ରୀଷ୍ମଋତୁରେ ଓଡ଼ିଶାରେ ତାର ଯେଉଁ ତାଣ୍ଡବଲୀଳା ଦେଖାଇଲା, ତାର ପ୍ରଭାବରେ ଆଜି ରାଜ୍ୟରେ ଚଉଦଟି ଜିଲ୍ଲା ବିଧ୍ୱଂସ। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର, ସରକାରୀ କଳର ସହାୟତାରେ ରିଲିଫ ବ୍ୟସ୍ଥା ଓ ପୂନରୁଦ୍ଧାର କାର୍ଯ୍ୟରେ ବ୍ୟସ୍ତ । ଜଣେ ଆଇନଜୀବୀ ଭାବେ ଏଭଳି ସାମୁଦ୍ରିକ ଝଡ଼କୁ ଭିନ୍ନ ଦୃଷ୍ଟି ଭଙ୍ଗୀରେ ଦେଖିବା ଲାଗି ରାଜ୍ୟର ସମସ୍ତ ରାଜନୈତିକ ଦଳ, ପ୍ରଶାସନିକ ଅଧିକାରୀ, ଗୋଷ୍ଠି ସମୂହ ଲାଗି କାର୍ଯ୍ୟ କରୁଥିବା ବେସରକାରୀ ଅନୁଷ୍ଠାନ, ଶିଳ୍ପପତି, ନ୍ୟାୟପାଳିକାର ବିଚାରପତି ଓ ଆଇନଜୀବୀମାନେ ବିଚାରବିମର୍ଷ ତର୍କବିତର୍କ ଓ ଗଣଚିନ୍ତନ କରିବାର ନିତାନ୍ତ ଆବଶ୍ୟକତା ଅଛି ବୋଲି ଅନୁଭବ କରୁଛି । କୋଡିଏ ବର୍ଷ ତଳର ମହାବାତ୍ୟା ଆମକୁ ମନେ ପକେଇ ଦେଇଥିଲା, ଆମେ ପ୍ରକୃତିକୁ ରକ୍ଷା ନକଲେ, ପ୍ରକୃତି ଆମକୁ ରକ୍ଷା କରିବ ନାହିଁ । ଏବେ କୋଡିଏ ବର୍ଷ ପରେ ପୁଣି ଦିଗହରା ହୋଇ ଚାଲିଥିବା ଆମ ବିକାଶର ବ୍ୟବସ୍ଥା, ଫଣୀ ପାଇଁ ଆମ ସମସ୍ତଙ୍କୁ ଆହୁରି ଜଟିଳ ପ୍ରଶ୍ନ ପଚାରିଛି ।

ଜଣେ ବ୍ୟକ୍ତି ଅନ୍ୟାୟ, ଅନୀତି, ଅତ୍ୟାଚାର ଓ ଶୋଷଣର ଶିକାର ହେଲେ ପ୍ରଚଳିତ ଆଇନର ଶାସନ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅନୁଷ୍ଠାନ ଗୁଡିକ ନିକଟରେ ଆବେଦନ କରିଥାଏ । ନ୍ୟାୟପାଳିକାରେ ମକୋଦ୍ଦମା କରି ଯଦି ନ୍ୟାୟ ପାଇବାରେ ବିଫଳ ହୁଏ, ତେବେ ଆଇନ ଓ ଶାସନ ବ୍ୟବସ୍ଥାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅହରହ ଦୋଷ ଦେଇଥାଏ । ଠିକ ସେହି ଭଳି ଆମ ପାଣି, ପବନ, ଜଙ୍ଗଲ, ସମୁଦ୍ର ଓ ନଦୀ ଯେଉଁମାନେ ଆମକୁ ଜୀବନ ଦେଇଛନ୍ତି, ସେମାନେ ଯଦି ସମ ପରିମାଣର ସମ୍ମାନ ମର୍ଯ୍ୟାଦା ନପାଇ ଶୋଷଣ ଅନ୍ୟାୟ ଅତ୍ୟାଚାରର ଶିକାର ହୁଅନ୍ତି, ତେବେ ସେମାନଙ୍କ ପାଇଁ ଆଇନର ଶାସନ ଓ ନ୍ୟାୟିକ ପ୍ରକ୍ରିୟା କେତେ ସରଳ, ଶାବଳୀନ, ଶକ୍ତିଶାଳୀ ଓ ସେଭଳି ପ୍ରକ୍ରିୟାକୁ ଆମେ କେତେ ଅଗ୍ରାଧିକାର ଭିତ୍ତିରେ ସମ୍ମାନ ଜଣାଉଛେ ସେ ସମ୍ପର୍କରେ ଆତ୍ମନିରୀକ୍ଷଣ କରିବାର ସମୟ ଆସିଛି । ଯେଉଁ ସବୁ ପ୍ରାକୃତିକ ସମ୍ପଦ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକୃତିର ଅବଦାନ ବୋଲି ଆମେ ଆମ୍ଭମାନଙ୍କ ବିଦ୍ୟାଳୟରେ ବହୁବର୍ଷ ତଳେ ଅଧୟନ କରିଥିଲେ ସେହି ପ୍ରାକୃତିକ ସମ୍ପଦ ଗୁଡିକୁ ଆମେ ଆମର ବ୍ୟକ୍ତିଗତ ସମ୍ପଦ ବୋଲି ବିବେଚନା କରିଛେ । ରାଷ୍ଟ୍ର ମଧ ଏହି ପ୍ରାକୃତିକ ସମ୍ପଦର ତତ୍ତ୍ୱାବଧାରକ ଧାରକ ଥିଲା ବେଳେ ଏବେ ନିଜକୁ ମାଲିକ ବୋଲି ଭାବି ନେଇଛନ୍ତି । ଭୋଗବାଦୀ ଅର୍ଥସର୍ବସ୍ୱ ଖାଉଟି ସମାଜରେ ବ୍ୟବସ୍ଥାରେ ମୁଁ, ମୋ ଘର, ମୋ ପରିବାର ମଧରେ ଆମେ ସମସ୍ତେ ପୃଥିବୀର ପରିବେଶର ପରିକଳ୍ପନା କରି ବସିଛେ । ପରିବେଶର ନିରନ୍ତର ଓ ଦୀର୍ଘସ୍ଥାୟୀ ବ୍ୟବହାର ପାଇଁ ପ୍ରକୃତିର ସୁରକ୍ଷା ବଦଳରେ ବଜାରିକରଣ ନିଶା ଆମକୁ ବର୍ତ୍ତମାନର ଲାଭ ପାଇଁ ବିନାଶ ପ୍ରକ୍ରିୟାଟିକୁ ଆପଣେଇବାରେ ସହାୟତା ପ୍ରଦାନ କରିଛି ।

ଆମ ଗାଁରେ ଥିବା ନଦୀଟି ବଞ୍ଚିଛି କି ? ଏହାର ପ୍ରାକୃତିକ ଜୀବନ ରକ୍ଷା କରିବା ଲାଗି ଆମେ କୌଣସି ଉଦ୍ୟମ ଆରମ୍ଭ କରିଛେ କି ? ଜଳ ପ୍ରବାହକୁ ପ୍ରଦୂଷଣ ମୁକ୍ତ ନ କରି ଏହାର ପ୍ରବାହର ସ୍ତରକୁ ଠିକ ନ ରଖି ନଦୀ ଜଳର ଅପର୍ଯ୍ୟାପ୍ତ ଶୋଷଣକୁ ବନ୍ଦ ନ କରି କେବଳ ନଦୀ ବନ୍ଧର ସୌନ୍ଦର୍ଯ୍ୟ କରଣ ଓ ବ୍ୟବସାୟିକ ଉପଯୋଗ କରିବା ପାଇଁ ରାଜ୍ୟ ମାନଙ୍କ ମଧରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି । ଆମ ଦେଶର ରାଜନେତା ମାନେ ର୍ନିବାଚନ ପ୍ରଚାରରେ ସେମାନଙ୍କ ରାଜ୍ୟର ନଦୀ ଜଳ ବିବାଦ ପ୍ରସଙ୍ଗ ସମ୍ପର୍କରେ ଭେରୀ ତୁରୀ କାହାଳୀ ବଜେଇବାରେ ପାରଙ୍ଗମତା ଦେଖାନ୍ତି । ନଦୀ ଜଳର ପ୍ରବାହକୁ ରୋକି କିମ୍ବା ପ୍ରବାହର ଧାରା ବଦଳାଇ ହୋଟେଲ ଶିଳ୍ପକୁ ବୃଦ୍ଧି କରିବା ପାଇଁ ରାଜନେତା ମାନେ ପ୍ରୋତ୍ସାହନ ଦେବାର ଉଦାହରଣ ମଧ ଆମ ନିକଟରେ କମ ନାହିଁ । ଗୋଷ୍ଠି ଜଙ୍ଗଲ ସମ୍ବଳର ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା ଯୋଜନା କୁ ଆମେ ଏପର୍ଯ୍ୟନ୍ତ ଗଣତାନ୍ତ୍ରିକ କରିବା ଲାଗି କୌଣସି ଉଦ୍ୟମ କରିପାରି ନାହାନ୍ତି। ଗୋଷ୍ଠି ଜଙ୍ଗଲ ପରିଚାଳନା କ୍ଷେତ୍ରରେ ଗ୍ରାମ ସଭାକୁ ପ୍ରଦତ୍ତ କ୍ଷମତା ଦାୟିତ୍ୱ ସ୍ୱାଧୀନତା ତଥା ଅଧିକାରର ସୁରକ୍ଷା ସର୍ବୋପରି ଜୈବ ବିବିଧତା ଓ ପ୍ରାକୃତିକ ସମ୍ବଳର ସୁରକ୍ଷା ପ୍ରସଙ୍ଗକୁ ଆମେ ଏବେ ବି ଅଣଦେଖା କରିବାର ନଜିର ରହିଛି। ସମୁଦ୍ର ତଟବର୍ତ୍ତୀ ଉପକୂଳବର୍ତ୍ତୀ ଅଞ୍ଚଳରେ ଯେଉଁ ପରିମାଣରେ ବିନା ଯୋଜନାରେ ବିକାଶ ଚାଲିଛି, ହୋଟେଲ ଓ ଶିଳ୍ପାନୁଷ୍ଠାନ ଗୁଡ଼ିକରୁ ର୍ନିଗତ ପ୍ରଦୂଷିତ ଜଳ ଯେଭଳି ସମୁଦ୍ରରେ ମିଶୁଛନ୍ତି ସେଥିପାଇଁ ଆମ କାହାରି ନିଘା ନାହିଁ । ଆମ ପରିବେଶ ଆଇନ ଗୁଡିକୁ ବିକାଶ ଉନ୍ମୁଖୀ କରିବା ଲାଗି ଆମେ କେବଳ ଏହାକୁ ଆଇନ ପୁସ୍ତକ ମଧରେ ସୀମିତ ରଖିଛୁ । ଯେଉଁ ସମ୍ପଦର ପୁନଃ ସୃଷ୍ଟି ସମ୍ଭବ ନୁହେଁ ଯାହାର ସୀମିତ ବ୍ୟବହାର ହେବାକଥା ସେଗୁଡିକର ଅଯଥା କିମ୍ବା ଅପବ୍ୟବହାର କରାଯାଉଛି । ଆମ ଉପଭୋଗର ମାତ୍ରା ଧରିତ୍ରୀର ସହ୍ୟ ଶକ୍ତି ଠାରୁ ଅଧିକ । ପ୍ରାକୃତିକ ସମ୍ପଦ ଗୁଡିକ ଯେ ଅସୀମ ସମ୍ପଦ ନୁହେଁ ଏଭଳି ବିଚାର ଧାରାରୁ ଆମେ କେହି ଏପର୍ଯ୍ୟନ୍ତ ମୁକ୍ତି ହୋଇପାରିନାହୁଁ । ଅଧିକ ଉପଭୋଗ ପ୍ରବଣତା ମଣିଷକୁ ପ୍ରକୃତିର ଶତୃରେ ରୂପାନ୍ତରିତ କରିସାରିଛି । ଶକ୍ତି ବ୍ୟବହାର କ୍ଷେତ୍ରରେ ସଂଯମ ହୀନତା ହେତୁ ପୃଥିବୀର ବାୟୁ ମଣ୍ଡଳ ପ୍ରଦୂଷିତ ଓ ଉତ୍ତପ୍ତ ହୋଇଚାଲିଛି । ବୃକ୍ଷରାଜିର ନଷ୍ଟ ପେଟ୍ରୋଲ କୋଇଲାର ଅପବ୍ୟବହାର ବାୟୁ ମଣ୍ଡଳକୁ ପ୍ରବେଶ କରୁଥିବା ଅଙ୍ଗାରକାମ୍ଳ ଗ୍ୟାସ ଆକାଶର ଓଜନ ସ୍ତରକୁ କଣା କରିଚାଲିଛି । ସବୁଠାରୁ ବଡ ବିପଦ ଜଗତିକ ଉଷ୍ମତା ଓ ସମ୍ପଦ ହୀନତାକୁ ଆମେ ମୁକାବିଲା କରିବା ପାଇଁ କୌଣସି ରାସ୍ତା ବା ବିକଳ୍ପ ପାଇଁ ଚିନ୍ତା ମଧ କରୁନାହାନ୍ତି ।

ପ୍ରକୃତି ଓ ପରିବେଶ ପାଇଁ ମାମଲା ପରିଚାଳନା କରିବା ପାଇଁ ଆଇନଜୀବୀ ଓ ପରିବେଶ ସମାଜକର୍ମୀଙ୍କର ସଂଖ୍ୟା ମଧ ହ୍ରାସ ପାଇଛି । ପରିବେଶର ସୁରକ୍ଷା ପାଇଁ ଆଇନର ଚଉହଦି ମଧରେ ପ୍ରଗତିଶୀଳ ରାୟ ପ୍ରଦାନ ଲାଗି ଇଚ୍ଛା କରୁଥିବା ବିଚାରପତି ମାନଙ୍କ ସଂଖ୍ୟା ମଧ ହାତ ଗଣତି ସ୍ତରରେ ପହଞ୍ଚିଛି । ନ୍ୟାୟପାଳିକାରେ ଏହିସବୁ ମାମଲା ଶୁଣାଣୀ ଲାଗି କାହାରି ଯେପରି ଆଗ୍ରହ ନାହିଁ । ପରିବେଶ ଆଇନକୁ ବ୍ୟବହାର କରିଥିବା ଆଇନଜୀବୀ ମାନଙ୍କୁ ପରିବେଶ ସନ୍ତ୍ରାସବାଦୀ ବୋଲି ମଧ ଆମେ କହିବାକୁ କୁଣ୍ଠାବୋଧ କରୁନାହାନ୍ତି । ପରିବେଶ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାଲାଗି ଆମ କାର୍ଯ୍ୟପାଳିକାର ଦାୟିତ୍ୱରେ ଥିବା ଅଧିକାରୀମାନେ ନିଜ ସମ୍ପତ୍ତିର ଅଂଶ ଦେବା ବେଳେ ଯେଭଳି କୁଣ୍ଠାବୋଧ କରିଥାଏ ତାହାଠାରୁ ଅଧିକ କୁଣ୍ଠାବୋଧ କରନ୍ତି । ଅର୍ଥନୈତିକ ବିକାଶ ଓ ପରିବେଶ ମଧରେ ସନ୍ତୁଳନ ରକ୍ଷା ପାଇଁ ନାୟିକ ବ୍ୟବସ୍ଥାରେ ଆମେ ଯେଉଁ ସବୁ କାର୍ଯ୍ୟ ଯଥା ସନ୍ତୁଳିତ ବିକାଶ, ପରିବେଶ ପ୍ରତିଷେଧକ ମୂଳକ ବ୍ୟବସ୍ଥା ନୀତିର ଅବଧାରଣା ବିଭିନ୍ନ ରାୟରେ ଉଲ୍ଲେଖ କରିଛେ ସେସବୁ ତତ୍ତ୍ୱ ଗୁଡିକ ପରିବେଶ ସମ୍ପର୍କିତ ବିବାଦର ସମାଧାନ ବେଳେ ଅନେକ ବିଚାରପତି ମଧ ନକାରାତ୍ମକ ଦୃଷ୍ଟିରେ ଦେଖିଥାନ୍ତି । ଯେଉଁ ମାନଙ୍କ ହାତରେ ପରିବେଶର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଉଛି ସେହି ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଗୁଡିକୁ ଦୁର୍ବଳ କରିବାର ମାନସିକତା ଆମ ରାଜନୈତିକ ବଡ଼ପଣ୍ଡାମାନଙ୍କ ନିକଟରେ ମହଜୁଦ ରହିଛି । ପ୍ରକୃତିର ସୁରକ୍ଷାକୁ ଜଳାଞ୍ଜଳି ଦେଇ ଆମ ସହରରେ ଆମ ଗାଁରେ ଗଢି ଉଠୁଥିବା ବିଭିନ୍ନ ଶିଳ୍ପାନୁଷ୍ଠାନ ତଥାକଥିତ ବିକାଶ ଧାରାରେ ଯୋଗ ଦେବା ଘଟଣା ସମୂହ ଆମ ସମସ୍ତଙ୍କ ପାଇଁ ଚିନ୍ତାଜନକ ବିଷୟ । ଆମ ଗାଁର ବିକାଶର ମଡେଲ ଆମେ ପ୍ରସ୍ତୁତ କରିବା ବଦଳରେ ରାଜ୍ୟ ଓ କେନ୍ଦ୍ର ସରକାର ଏହି ବିକାଶର ସଂଜ୍ଞା ଓ ଢାଞ୍ଚା ର୍ନିଦ୍ଧାରଣ କରନ୍ତି । କିନ୍ତୁ ପ୍ରକୃତି ଦ୍ୱାରା ମଣିଷ ବଞ୍ଚିଛି ଓ ପ୍ରକୃତିର ଧ୍ୱଂସ ମଣିଷ ପାଇଁ ବିପଦଜନକ ଏଭଳି ତ୍ୱକୁ ଆମେ ଉପଲବ୍ଧି କରିବାକୁ ପଡିବ । ପ୍ରତିବାଦହୀନ ନୀରବତା ଗଣତନ୍ତ୍ର ପାଇଁ ସହମତିର ସଂକେତ । ଏଣୁ ଏହି ଦୃଷ୍ଟିରୁ ପରିବେଶ ପାଇଁ ଆମ ବିକାଶର ବିଚାରଧାରା ଓ ଢାଞ୍ଚାକୁ ଗ୍ରାମ ସ୍ତରରୁ ବଦଳାଇବାକୁ ପଡିବ। ଏଥିପାଇଁ ରଣନୀତି ଏବେଠାରୁ ପ୍ରସ୍ତୁତ ନକଲେ ଆହୁରି କେତେ ଫଣୀ ଆହୁରି କରାଳରୂପ ନେଇ ମାଡି ଆସିବ ଏଥିରେ କୌଣସି ସନ୍ଦେହ ନାହିଁ ।

**ଆଇନଜୀବୀ, ଓଡିଶା ହାଇକୋର୍ଟ,**
**ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ, ଓଡିଶା**
**ଦୂରଭାଷ ନଂ – ୯୪୩୭୦୧୨୪୭୦**

# ଫଣୀର ଫୁଡ୍‌କାର ପରେ ରାଜନୀତିର ରେରେକାର!

**ମାୟାଧର ନାୟକ**

ପ୍ରଳୟଙ୍କର ଫଣୀ ଯେତେବେଳେ ତାର ଭୟଙ୍କର ପିଶାଚ ଆଖି ଓ ଲହ୍‌ଲହ୍ ଜିହ୍ୱାରେ ବାରୋଟି ଜିଲ୍ଲାକୁ ଚାଟିନେଇ ଧ୍ୱସ୍ତବିଧ୍ୱସ୍ତ କରିନେଲା–ସେତେବେଳେ ସବୁକିଛି ଛାରଖାର ହୋଇଗଲା। ବିଜୁଳି କଟିଗଲା, ଟେଲିଫୋନ୍, ଇଂଟରନେଟ୍, ମୋବାଇଲ୍ ସେବା ବନ୍ଦ ହୋଇଗଲା। ଅଧା ଓଡିଶା ଅନ୍ଧାର । ଘନଘୋର ବର୍ଷା – ବିଜୁଳି – ଘଡଘଡିରେ ଅବସ୍ଥା ଅସମ୍ଭାଳ । ରାସ୍ତାଘାଟରେ ଗଛ ପଡି ଯାତାୟତ ଠପ୍। ଗାଁ ସହର ବୁଡିଲା। ବାହାର ଦୁନିଆରୁ ପୁରୀ ସହର ବିଚ୍ଛିନ୍ନ ହୋଇଗଲା। ରାଜପଥ ଜଳାର୍ଣ୍ଣବ। ଛିନ୍ନଛତ୍ର ଗାଁ ଗଣ୍ଡା, ସହର ବଜାର ଚାରିଆଡେ। ସବୁଠି ହାହାକାର। ଭୂଷୁଡି ଯାଇଛି ସ୍ୱପ୍ନର ବାଲିଘର। ସବୁଠି ସ୍ୱପ୍ନ ହୃଦୟ ଭଗ୍ନ। ବାହୁନୁଚି ଓଡିଶାଭୁଇଁ। ଭୋକରଭୂଗୋଳ ଦୁଃଖିନୀ ଓଡିଶା ଫଣୀର ରାହୁଗ୍ରାସରେ ମୁମୁର୍ଷୁ, ଖାଁ ଖାଁ ଗାଁ, ସବୁ ସମସାନ, ସବୁ ଶୂନ୍‌ଶାନ, ଚାରିଆଡେ କୁଢକୁଢ ଗଛର କଙ୍କାଳ, ଜଡର ଜଠର ଝୁପୁଡି– ସବୁ ଆଜି ପଡିଛି ଉପୁଡି। ବିଷର୍ଣ୍ଣ ବର୍ତ୍ତମାନ–ବିପନ୍ନ ଭବିଷ୍ୟତ – ଅର୍ଥନୀତି ବିପର୍ଯ୍ୟସ୍ତ । ସବୁତ ଲାଗୁଛି ଅସାର–ତଥାପି ସରିନି ସଂସାର! ପଲ୍ଲବହୀନ ଆଜି ଏ ପଲ୍ଲୀ – ଝାଉଁଳି ଯାଇଛି ଜୀବନ ମଲ୍ଲୀ ! ସବୁ ଧ୍ୱସ୍ତ–ସବୁ ଅସ୍ତ!

୧୯୯୯ ରୁ ୨୦୧୯ କେତେ ତଫାତ୍ ? ୨୦ ବର୍ଷ। ଏଥିରୁ ୧୯ ବର୍ଷ ନବୀନ ବାବୁ ମୁଖ୍ୟମନ୍ତ୍ରୀ। କେବେବି ମନରୁ ଦି ପଦ କଥା କହିନାହନ୍ତି। ଓଡିଆ କହିନାହାଁନ୍ତି କି, ଓଡିଆ ଶବ୍ଦ ଶିଖି ନାହାନ୍ତି କି, ସଠିକ୍ ବାକ୍ୟଟିଏ ଏଯାବତ୍ କହିପାରନ୍ତିନାହିଁ । ଇଂରାଜି ରୋମାନ ଅକ୍ଷରରେ ଯାହା ଅଫିସର ମାନେ ଲେଖିଦିଅନ୍ତି ତାକୁ ନବୀନ ବାବୁ ହାସ୍ୟାସ୍ପଦ ଭଙ୍ଗିମା ସହ ଭୁଲ୍‌ଭାଲ୍ ପଢନ୍ତି। ପୃଥିବୀରେ ଏମିତି କୌଣସି ଶାସକ ନାହାନ୍ତି, ଯିଏ ନିଜ ମାତୃଭାଷା ଜାଣନ୍ତି ନାହିଁ। ନବୀନ ବାବୁ ଏକମାତ୍ର ଆଶ୍ଚର୍ଯ୍ୟ। ତାଙ୍କ ଅଶୁଦ୍ଧ ଖଣ୍ଡି ଓଡିଆ ଦି ପଦ ଶୁଣି ଥୋକେ ଓଡିଆଏ ମୁଗ୍ଧ? ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାର ଶାସନ ଡୋରି ଧରିଛନ୍ତି କେବଳ କେଇଟି ଆଇ.ଏ.ଏସ୍., ଆଇ.ପି.ଏସ୍. ଗୋଷ୍ଠୀକୁ ଭରଷା କରି ଚଳେଇ ଆସିଛନ୍ତି ଦରବାରି ରାଜନୀତିର ଦରିଆରେ ଦଦରା ନାଆ । କୌଣସି ଦଳୀୟ ନେତା କିମ୍ବା ବିରୋଧୀ ଦଳକୁ ଆଦୌ ବିଶ୍ୱାସ କିମ୍ବା ଖାତିର କରୁନଥିଲେ ବି ଅଫିସରଙ୍କ ବୁଦ୍ଧିରେ ଲୋକଙ୍କୁ ରାଜକୋଷରୁ ମାହାଳିଆ ଖୋଇ ଖୋଇ ମାଗିଖିଆ ବନେଇ ଦେଇଛନ୍ତି। ଦଳୀୟ କର୍ମୀ ନେତା, ଅଫିସର ବ୍ୟବସାୟୀ ଠିକାଦାର ରାଜକୋଷକୁ ଚଳୁକରିବାରେ ଲାଗିଛନ୍ତି।

ବିପଦବେଳେ ସବୁ ଧରାପଡିଯାଏ। ଫଣୀର ପ୍ରଚଣ୍ଡ ପ୍ରହାରରେ ଆମ ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମୂକ ପାଲଟିଗଲେ ଏବଂ ତାଙ୍କୁ ୧୯ ବର୍ଷ ହେଲା ଚଳେଇ ଆସୁଥିବା ଅଧିକାରୀମାନଙ୍କ ମୁଣ୍ଡକୁ ମଧ ବୁଦ୍ଧି ଜୁଟିଲାନି। ଏଣେ ବାରଟି ଜିଲ୍ଲାର କଲେକ୍ଟର୍, ଏସ୍.ପି ପ୍ରଳୟଙ୍କର ମହାବାତ୍ୟାରେ ଘରୁ ବାହାରି ପାରିଲେନାହିଁ। ସବୁ ଚୁପଚାପ୍। ଟେଲିଫୋନ୍, ଇଣ୍ଟରନେଟ୍ ସେବା ବ୍ୟାହତ, ସ୍ୱତନ୍ତ୍ର ରିଲିଫ୍ କମିଶନର୍, ଅଧିକାରୀମାନଙ୍କ ମଧରେ ଅସମ୍ଭବ ନିରବତା। ତଥ୍ୟ ନାହିଁ–କଣ କହିବୁ ବୋଲି ହାତ ଟେକି ଦେଇଥିଲେ। ମଇ ୦୧ ଓ ୦୨ ତାରିଖରେ ଏମିତି ପ୍ରଚାର କଲେଯେ– ସତେ ଯେମିତି ଓଡିଶା ସରକାର ଦେଶପ୍ରେମୀ, ଜନପ୍ରେମୀ, ବିପଦର ସାଥୀ, ଲୋକଙ୍କ ପାଇଁ କଣ୍ଠ ଫଟାଇ କାନ୍ଦୁଛନ୍ତି। ବଛାବଛା ଆଇ.ଏସ୍.ଏ, ଆଇ.ପି.ଏସ୍. ଅଫିସରଙ୍କୁ ୧୨ ଟି ଜିଲ୍ଲା ଦାୟିତ୍ୱ ଦେଲେ। ପାଖାପାଖି ୭୦ ବରିଷ୍ଠ ଅଫିସର ନିଯୁକ୍ତି ପାଇଲେ। ତିନିଜଣ ସିନିୟର୍ ଅଫିସରଙ୍କୁ ଦାୟିତ୍ୱ ଦିଆଗଲା ଯେ, ସେମାନେ ପ୍ରତି ମୂହୁର୍ତରେ ଟିକି ନିକି ଖବର ଲୋକଙ୍କୁ ଗଣମାଧମ ଜରିଆରେ ଜଣାଇବେ। ଆଛା! ଯଦି ଟିଲିଫୋନ ଇଣ୍ଟରନେଟ୍ ସେବା ବନ୍ଦ ହୋଇଗଲା ବୋଲି ଖବରଖୁବୁରା ପାଇଲେ ନାହିଁ ତାଦହେଲେ ସାଟେଲାଇଟ୍ ଫୋନ୍ କେଉଁ କାମରେ ଲାଗିଲା ? କେନ୍ଦ୍ର ସରକାର ୩୪୦ କୋଟି ଟଙ୍କା ଆଗତୁରା ସାହାଯ୍ୟ ଦେଇଦେଲେ। ଏଣେ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପାଣ୍ଠି ଥୁଆ ହୋଇଛି। ସେ ଟଙ୍କା ଉପରେ ଆଖି ଲାଖି ରହିଲାକି! ଠିକ୍ ଭୟଙ୍କର ବିପଦ ବେଳେ ଏମାନେ ମୂକ ପାଲଟି ଗଲେ! ଏଣେ ପାଣିପାଗ ଅଫିସ, ଆକାଶବାଣୀ କଟକ କେନ୍ଦ୍ର, ଅଧିକାଂଶ ଟି.ଭି. ଟାୱାର ଭୁସୁଡି ପଡିଲା। ଖବର ପ୍ରସାରଣ ବାଧାପ୍ରାପ୍ତ। ଏବେବି ଯୋଗାଯୋଗ ବିଚ୍ଛିନ୍ନ । ଭୁବନେଶ୍ୱର, ପୁରୀ, କଟକ ଅବସ୍ଥା ଅବର୍ଣ୍ଣନୀୟ । ଭୁବନେଶ୍ୱରିଆ ପାଣି, ବିଜୁଳି ପାଇଁ ଡହଳବିକଳ । ଓଡିଶାର ମୁଣ୍ଡ ରାଜଧାନୀଆବାସୀଙ୍କୁ ପ୍ରଚଣ୍ଡ ପାହାର । ସବୁହେବ ଗୋଳମାଳ ।

ମଇ ୦୪ ତାରିଖ ଶନିବାରରେ ସକାଳୁ ସକାଳୁ ଫଣୀଦତାର ତାଣ୍ଡବ ନୃତ୍ୟ ଗାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ, କଟକ, ଜଗତସିଂହପୁର,କେନ୍ଦ୍ରାପଡା, ଯାଜପୁର, ମୟୁରଭଞ୍ଜ ,ଭଦ୍ରକ, ବାଲେଶ୍ୱର ପ୍ରମୁଖ ଜିଲ୍ଲାରେ ଖେଳାଲୀଳା ସାରି ବଙ୍ଗଳାଦେଶରେ ତାଣ୍ଡବଲୀଳା ରଚନା କରି ଧନଜୀବନ ହାନି କରିବାରେ ଲାଗିଛି। ପ୍ରକୃତିର କରାଳ ରୂପ ଆଗରେ ବିଜ୍ଞାନର କରାମତି ଅଚଳ। ଆମେ ମଣିଷ ଛାର ମାତ୍ର! ଆମର ଗର୍ବ ଅଂହକାର–ଆମେ ପ୍ରକୃତିକୁ ଧ୍ୱଂସ କରିବା–କିଏ ଆମର କଣ କରିବ? ପ୍ରକୃତି ଟିକିଏ କଡଲେଉଟାଇଲେ ଆଖି ପିଛୁଳାକେ ଭୂମିକଂପ, ସୁନାମି, ବନ୍ୟା, ଅଗ୍ନିଉଦ୍‌ଗିରଣ ହୋଇ ଜଗତକୁ କ୍ଷଣିକେ ହତଚକିତ କରିଦେବ। ସେ ବେଳ କଣ ସତରେ ଆସିଗଲାଣି!

ଫଣୀର ଫୁତ୍‌କାର ପରେପରେ ସରକାରଙ୍କ ଅସଲ ଚେହେରା ପୂର୍ବରୁ ଭୟାବହ ପ୍ରଚାର । ମୁଖ୍ୟମନ୍ତ୍ରୀ କହିଲେ ଭୟ କରନ୍ତୁ ନାହିଁ। ପରେ କିନ୍ତୁ ଦେଖାଗଲା– ଚାରିଆଡେ ଭୟର ବାତାବରଣ । ବାତ୍ୟା ଆଶ୍ରୟସ୍ଥଳରେ ବାପ ମାଆ କେହି ନାହାନ୍ତି। ବିଜୁଳି ପାଣି ନାହିଁ। ସଫାସୁତରା ନାହିଁ। ବିପନ୍ନଙ୍କୁ ଚୂଡା ବିସ୍କୁଟ୍ ବି ଠିକ୍ ସମୟରେ ଦିଆହେଲାନି। ଲୋକେ ଭୋକବେଳେ ଚୂଡା ମୁଠେ ପାଇଲେ ନାହିଁ। ବ୍ରହ୍ମପୁର ଭଳି କେତେକ ସ୍ଥାନରେ ଆଶ୍ରୟସ୍ଥଳରେ ବାସୀଚୂଡା ଉପମା, ଦରସିଝା ଭାତ ଡାଲମା, ଖାଦ୍ୟ ପୁଡିଆରେ ଅଖାଦ୍ୟ ଅଧାସିଝା ଚାଉଳ, ପଲଉ ଦିଆଯିବାରୁ ଲୋକେ ଖାଇଲେନି ଖୋପାଡିଲେ। ଯେଉଁମାନେ ଚୂଡା, ବିସ୍କୁଟ୍, ରନ୍ଧା ଖାଦ୍ୟା ଯୋଗାଣରେ ଥିଲେ ଘୋର ବିପଦ ବେଳେ ଅତ୍ୟଧିକ ଲାଭ ଲୋଭ ମୋହରେ ପଡି ଲୋକଙ୍କ ମୁହଁରେ ଆହାର ନଦେଇ ପାହାର ଦେଲେ। ବର୍ତମାନ ଓଡିଶା ଶାସନରେ ଦିଅଁ ଖାଇସାରି ଖଟୁଲି ଖାଇବାର ଅଭିସନ୍ଧି ଆରମ୍ଭ ହୋଇଯାଇଛି। ଏବେ ମହାବାତ୍ୟା ଟଳିଲା ସିନା, ପୁଣି ମାଡିଆସୁଛି ରାଜନୀତିର ଘୂର୍ଣ୍ଣିବାତ୍ୟା । ଏ ବାତ୍ୟା ଫଣୀଠୁ ବି ଭୟଙ୍କର । ଫଣୀ ପ୍ରଳୟ ବେଳେ ନବୀନ ବାବୁ ପ୍ରଶାସନ ସିନା ଘରୁ ବାହାରିପାରିଲେ ନାହିଁ। ଏବେ କ୍ଷୟକ୍ଷତି ହିସାବ ଚାଲିବ। ଭୋଟ ଗଣା ହେବା ସାଙ୍ଗକୁ ନୋଟ୍ ଗଣା ହେବ। କେନ୍ଦ୍ରରୁ ଆଉ କେତେ ଶହ କୋଟି ଟଙ୍କା ଆଣି ଓଡିଶା ପାଣ୍ଠି ଟଙ୍କା ମିଶାଇ ମାଙ୍କଡ ମାନେ ବିଲେଇକୁ ପିଠା ବାଣ୍ଟିବା ଭଳି ଚଳୁ କରିଦେବେ। ନିର୍ବାଚନ କମିଶନ ମଧ ମଇ ୨୩ ତାରିଖ ପର୍ଯ୍ୟନ୍ତ ଥିବା ଆଚରଣ ବିଧିକୁ ୧୧ ଟି ଜିଲ୍ଲାରୁ ପ୍ରତ୍ୟାହାର କରିନେଲେଣି। ମୁଖ୍ୟମନ୍ତ୍ରୀ ନବୀନ ବାବୁ ଦିଲ୍ଲୀ ଯାଇ କେନ୍ଦ୍ରୀୟ ନିର୍ବାଚନ କମିଶନଙ୍କ ପାଖରେ ପାଟକୁରା ନିର୍ବାଚନକୁ ବନ୍ଦକରିବାକୁ ଗୁହାରି କରିଛନ୍ତି। ବନ୍ଦ ହେବ କି ନାହିଁ ଜଣା ପଡିନାହିଁ। ଏବେ ନେତା ଅଫିସରଙ୍କ ପୁଷମାସ : ଫଣୀ ବିପର୍ଯ୍ୟସ୍ତଙ୍କ ସର୍ବନାଶ।

ନବୀନ ପଟ୍ଟନାୟଙ୍କୁ ମୁଁ ନିର୍ଦ୍ଦେଶ କି ପରାମର୍ଶ ଦେଉନାହିଁ। କାରଣ ସେ କାହାର ପରାମର୍ଶ ନିଅନ୍ତି ନାହିଁ – କେବଳ ଦଳେ କୁଚକ୍ରୀ ଗୋଷ୍ଠିଙ୍କ ଛଡା। ଜଣେ ନାଗରିକ ଭାବେ ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କୁ ମୋର କିନ୍ତୁ ପ୍ରଶ୍ନ ପଚାରିବାର ଅଧିକାର ଅଛି। ନବୀନ ପଟ୍ଟନାୟକ ଓଡିଶାର ପରିଚୟ ନୁହଁନ୍ତି – ନବୀନ ପଟ୍ଟନାୟକ ମଧ ବିଜୁ ପଟ୍ଟନାୟକ ନୁହଁନ୍ତି – ବିଜୁବାବୁଙ୍କ କୌଣସି ଗୁଣ ନବୀନବାବୁଙ୍କ ପାଖରେ ନାହିଁ । ଯେହେତୁ ଓଡିଶା ଲୋକେ ବିଜୁବାବୁଙ୍କୁ ଭଲପାଉଥିଲେ – ସେ ଭଲପାଇବାର ସୁଯୋଗନେଇ ବିଜୁବାବୁଙ୍କ ନାଁରେ ଦଳ ଗଠନକରି ସବୁଠି ବିଜୁଯୋଜନାକରି ଲୋକଙ୍କୁ ଭୁଡେଇବାରେ ଲାଗିଛନ୍ତି । ନିର୍ବାଚନବେଳେ ତାଙ୍କ ଉଚ୍ଚାରଣ, ଆଚରଣରୁ ସବୁ ବାରିହୋଇପଡୁଥିଲା । ମିଛୁଟାରେ ନବୀନବାବୁ ସାଢେ ୪କୋଟି ଓଡିଶାବାସୀ ତାଙ୍କ ପରିବାରବୋଲି କୋଟିକୋଟି ଟଙ୍କା ରାଜକୋଷ ବରବାଦ୍‌କରି ପ୍ରଚାର ଚଳାଇଛନ୍ତି । ଯେତେ ଯାହା ଠକାଠକି, ଭୁତାଭୁତି ଥିଲା ସବୁ ଷ୍ଟକ୍ ସରିଆସିଲାଣି। ଯେଉଁ ନବୀନବାବୁ ଦୁର୍ନୀତିର ସାମାନ୍ୟ କାଳିଦାଗ ଲାଗିଲେ ଗଣ୍ଡାଗଣ୍ଡା ମନ୍ତ୍ରୀଙ୍କ ମୁଣ୍ଡଛେଦନ କରିଛନ୍ତି, ସେଇ ନବୀନବାବୁ ୨୦୧୯ ନିର୍ବାଚନରେ ଦୁର୍ନୀତି, ଚୋରି, ଡକାୟତୀ, ଧର୍ଷଣ, ହତ୍ୟାଭଳି ଅଭିଯୋଗରେ ଗୋଟାପଣି କାଳିବୋଳିହୋଇଥିବା କଂସେଇମାନଙ୍କୁ ନିର୍ବାଚନରେ ଠିଆ କରେଇଦେଇଛନ୍ତି । ଏହାର ଭିତ୍ତିରି ଉଦ୍ଦେଶ୍ୟ ହେଲା ନବୀନବାବୁ ଯେତେବେଳେ କୋଇଲାମନ୍ତ୍ରୀ ଥିଲାବେଳେ ଆଦୌ ଉପକୃତ ହୋଇନଥିବା ଏକ ସଂସ୍ଥାକୁ କୋଇଲାଖଣି ଆବଣ୍ଟନ କଲେ, ଏହି ଘୋଟେଲାର ତଦନ୍ତ ସି.ବି.ଆଇ. ଆରମ୍ଭ କରିଦେଲା। ଏବେ ମଧ ନବୀନବାବୁ ସି.ବି.ଆଇ. ସ୍କାନର୍‌ରେ । ସେ ଯେତେବେଳେ ନିଜେ ଦୁର୍ନୀତିରେ ଲିପ୍ତ, ନିଜ ମୁଣ୍ଡକୁ ନିଜେ ଛେଦନ କରିବା କଥା – ସେତେବେଳେ ତୁ ତ ମୁତୁରି, ମୁଁ ତ ମୁତୁରି ହେଁସ କାହିଁପାହିଁ ଧୋଇବା ନ୍ୟାୟରେ ଦଳେ କୁଚକ୍ରୀ ମହାଦୁର୍ନୀତିଗ୍ରସ୍ତ ନେତା, ଅଫିସର ନବୀନବାବୁଙ୍କୁ କୁମନ୍ତ୍ରଣାଦେଇ, ବାଧ୍ୟକରାଇ, ଭୟଦେଖାଇ, ଧମକାଇ ସବୁ ଦୁର୍ନୀତିର କାଳିବୋଳାଲୋକ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଗଲେ।

ଆଉ ଓଡିଶାବାସୀଙ୍କୁ ଠକନ୍ତୁ ନାହିଁ। ବହୁତ ହୋଇଗଲା । ଏବେ ପାପର ପ୍ରାୟଶ୍ଚିତ ବେଳା। ନିର୍ବାଚନ ଫଳ ପ୍ରକାଶ ପାଇବାକୁ ଆଉ ମାତ୍ର ଦିନ କେଇଟା ବାକି ଅଛି। ଏହି କେତୋଟି ଦିନ ଭିତରେ ଫଣୀ ପାଇଁ କେନ୍ଦ୍ର ଓ ରାଜ୍ୟରୁ ଯେଉଁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଯାଉଛି ସେଥିରୁ ଗୋଟିଏ ଟଙ୍କା ବାଟମାରଣା କି ଲାଞ୍ଚ (ପି.ସି.) ନେଲେ ନେତା ଅଫିସରଙ୍କୁ ଲୋକେ ବରଦାସ୍ତ କରିବେ ନାହିଁ। ଓଡିଆ ଲୋକେ ସରଳ–ନିରୀହ। ମାତ୍ର ସେମାନେ ଥରେ ରାଗିଲେ କାହାରି ନୁହଁନ୍ତି। ସେମାନେ ରାଗିଲେଣି, ମାତିବାକୁ ବେଶି ସମୟ ଲାଗିବ ନାହିଁ। ରାଜକୋଷ ଲୁଟେରା, ଦେଶଦ୍ରୋହୀ ମାନଙ୍କୁ , ରାସ୍ତା ଘାଟ ଅଫିସ୍ ଦପ୍ତରରେ ଗୋଡେଇ ଗୋଡେଇ ବାଡେଇବେ। କେବଳ ମହାବାତ୍ୟାବିପନ୍ନ ନୁହଁନ୍ତ – ଶ୍ରମିକ, କର୍ମଚାରୀ, ଚାଷୀ ମୂଲିଆ, ଯୁବ, ଛାତ୍ର, ମହିଳା, ଶିକ୍ଷାବିତ୍ ସମସ୍ତେ ଆଜି ପ୍ରତାରିତ, ନିର୍ଯାତିତ, ଶୋଷିତ, ଅପମାନିତ। ସମସ୍ତେ ଯେତେବେଳେ ଏକାଠି ହୋଇ ହାତ ଉଠେଇବେ–ଯେତେ ବଡ ନେତା, ମନ୍ତ୍ରୀ , ଅଫିସର, ଶାସକ, ପ୍ରଶାସକ କେହି ଛାଡ ପାଇବେ ନାହିଁ । ଏବେ ବେଳ ଖରାପ–କାଳ କାହାର କବଳିତ ନୁହେଁ – ସମସ୍ତେ କାଳ ଆଗରେ ଉତରଦାୟୀ।

**ଯାଜପୁର ରୋଡ, ଯାଜପୁର**
**ମୋ– ୯୮୬୧୦୩୪୧୬୩**